# ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ,ପୁରୀ

**(ସଂସ୍କୃତି ବିଭାଗ)**

**ସଂଖ୍ୟା: ୨୫୯/ସଂସ୍କୃତି,ତା: ୧୮.୦୯.୨୦୨୫**

## କୋଟେସନ (Quotation)

ଏତଦ୍ ଦ୍ୱାରା ଇଚ୍ଛୁକ ବ୍ୟବସାୟୀ/ସଂସ୍ଥା ମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ପୁରୀସ୍ଥିତ ଚାରିଗୋଟି ହବିଷ୍ୟାଳି ଆଶ୍ରୟସ୍ଥଳୀଠାରେ ରହୁଥିବା (୨୫୦୦-୩୦୦୦) ହବିଷ୍ୟାଳିମାନଙ୍କ ନିମନ୍ତେ **"ଏକ ଗୋଟି ସୂତାଶାଢୀ, ଏକ ଗୋଟି ଉତ୍ତରୀୟ/ଆସାମ ଗାମୁଛା, ଏକ ଗୋଟି ରାଇଦାମୋଦର ବହି, ଏକ ଗୋଟି ଜପମାଳି ସହ ମୁଦ୍ରଣ ପୁଣି ସମସ୍ତ ଏକ ଗୋଟି ଝୋଟ ନିର୍ମିତ ମୁଦ୍ରଣ ବ୍ୟାଗ (Kit Bag)"**ରେ ଯୋଗାଇଦେବାକୁ ଇଚ୍ଛୁକ ଥିବା ବ୍ୟବସାୟୀ/ସଂସ୍ଥାଙ୍କ ଠାରୁ କୋଟେସନ(Quotation) ଆହ୍ୱାନ କରାଯାଉଅଛି । ଉପରୋକ୍ତ ଜିନିଷ ଗୁଡିକ ଉନ୍ନତ ମାନର ହେବା ସହ Kit Bag ଉପରେ **ଓଡିଶା ସରକାର logo** ଏବଂ **କାର୍ତ୍ତିକ ହବିଷ୍ୟାଳି ବ୍ରତ-୨୦୨୫** ମୁଦ୍ରିତ ଥିବା ଆବଶ୍ୟକ ।

ଇଚ୍ଛୁକ ବ୍ୟକ୍ତି ନିଜ ସଂସ୍ଥାର ପ୍ୟାଡରେ ପ୍ରତ୍ୟେକ ଜିନିଷର (ଏକକ) ଦର (ସମସ୍ତ ଶୁଳ୍କ ସହ) ପୃଥକ ଭାବେ ଉଲ୍ଲେଖ କରି ବନ୍ଦ ଲଫାପା ଯୋଗେ ବ୍ୟକ୍ତିଗତ ଭାବେ କିମ୍ବା ଡାକ/କୋରିଅର ସେବା ଦ୍ୱାରା ଜିଲ୍ଲା ନିଜାରତ କାର୍ଯ୍ୟାଳୟରେ ସ୍ଥାପିତ କୋଟେସନ(Quotation) ବାକ୍ସରେ ତା-**୧୯.୧୦.୨୦୨୫** ରିଖ ପୂର୍ବାହ୍ନ ୧୦.୦୦ ଠାରୁ ତା- **୨୫.୧୦.୨୦୨୫** ରିଖ **ଅପରାହ୍ନ ଘ ୦୩.୦୦ଟିକା** ସୁଦ୍ଧା ପ୍ରଦାନ କରିବେ । ଦରଖାସ୍ତ ସହିତ BANK DRAFT (ଜିଲ୍ଲା ନିଜାରତ ଅଧିକାରୀ, ପୁରୀ) କିମ୍ବା ନଗଦ ଆକାରରେ **ଟ.୫୦୦/-ଙ୍କା** କୋଟେସନ ଦେୟ(Quotation Charge ଏହା ଫେରସ୍ତ ନୁହେ) ବାବଦକୁ ଜିଲ୍ଲା ନିଜାରତ ଅଧିକାରୀ, ପୁରୀଙ୍କ କାର୍ଯ୍ୟାଳୟରେ ଜମା ଦେଇ କୋଟେସନ (Quotation) ପେପର ସହ ସଂପୃକ୍ତ ବ୍ୟବସାୟୀ/ସଂସ୍ଥାର GST ପଞ୍ଜୀକରଣ ସାର୍ଟିଫିକେଟ, PAN କାର୍ଡ ଆଦିର ନକଲ Self Attested କରି ଦାଖଲ କରିବେ । ଏହା ସହିତ ସଂପୃକ୍ତ ବ୍ୟବସାୟୀ/ସଂସ୍ଥା ସରକାରଙ୍କ ଦ୍ୱାରା କଳା ତାଲିକାଭୁକ୍ତ ହୋଇ ନାହାନ୍ତି ବୋଲି ଏକ ଘୋଷଣାନାମା ଦେବେ ।

ଧାର୍ଯ୍ୟ ସମୟ ସୁଦ୍ଧା ମିଳିଥିବା କୋଟେସନ ଗୁଡିକ ତା- **୨୫.୧୦.୨୦୨୫** ରିଖ **ଅପରାହ୍ନ ଘ ୦୩.୩୦ ଟିକା** ରେ ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟ ଠାରେ ସମ୍ପୃକ୍ତ କୋଟେସନ ଦାତା କିମ୍ବା ତାଙ୍କର ପ୍ରାଧିକୃତ ପ୍ରତିନିଧିଙ୍କ ଉପସ୍ଥିତିରେ ଖୋଲାଯିବ । କୋଟେସନ ଖୋଲା ଯିବା ସମୟରେ ଉପରୋକ୍ତ ଜିନିଷର ଏକ ଗୋଟି ଲେଖାଏଁ ନମୁନା (sample) ଆଣିବା ଆବଶ୍ୟକ । ଉକ୍ତ ନମୁନା (sample) ର ମାନ ସନ୍ତୋଷଜନକ ହେଲେ ସେମାନଙ୍କ quotation କୁ ଗ୍ରହଣ କରାଯିବ । ସର୍ବନିମ୍ନ ମୂଲ୍ୟ ଗ୍ରହଣ କରିବା ପାଇଁ କର୍ତ୍ତୃପକ୍ଷ ବାଧ୍ୟ ନୁହଁନ୍ତି । ଚୟନ ହୋଇଥିବା ବ୍ୟବସାୟୀ security deposit ବାବଦରେ ଏକ ଲକ୍ଷ ଟଙ୍କା ଅମାନତ ରଖାଯିବ ଏବଂ ଉକ୍ତ ରାଶି ସନ୍ତୋଷଜନକ ଯୋଗାଣ ତଥା ହବିଷ୍ୟାଳି ବ୍ରତ ଶେଷ ପରେ ଫେରସ୍ତ କରାଯିବ । କୌଣସି କାରଣ ନ ଦର୍ଶାଇ, କର୍ତ୍ତୃପକ୍ଷ ଯେକୌଣସି କିମ୍ବା ସମସ୍ତ କୋଟେସନ ରଦ୍ଦ କରିପାରିବେ । (କୋଟେସନ)quotation ଉପରେ କର୍ତ୍ତୃପକ୍ଷଙ୍କ ନିଷ୍ପତ୍ତି ଚୂଡାନ୍ତ ଅଟେ ।

**ଅତିରିକ୍ତ ଜିଲ୍ଲାପାଳ (ପ୍ରୋଟକଲ),ପୁରୀ**

ଜ୍ଞାପକ ସଂଖ୍ୟା: ୨୫୬/ସଂସ୍କୃତି, ତାରିଖ.

ଏହାର ଏକକିତା ନକଲ ଜିଲ୍ଲାପାଳ, ପୁରୀଙ୍କ ସଦୟ ଅବଗତି ନିମନ୍ତେ ତାଙ୍କ ବ୍ୟକ୍ତିଗତ ସହାୟକଙ୍କ ନିକଟକୁ ପ୍ରେରଣ କରାଗଲା ।

**ଅତିରିକ୍ତ ଜିଲ୍ଲାପାଳ (ପ୍ରୋଟକଲ),ପୁରୀ**

ଜ୍ଞାପକ ସଂଖ୍ୟା: ୮୪୭/ସଂସ୍କୃତି, ତାରିଖ. ୧୮.୦୮.୨୦୨୪

ଏହାର ଏକକିତା ନକଲ ଜିଲ୍ଲା ନିଜାରତ ଅଧିକାରୀ, ପୁରୀଙ୍କ ଅବଗତି ଓ ବିହିତ ପଦକ୍ଷେପ ନିମନ୍ତେ ଜଣାଇ ଦିଆଗଲା।

**ଅତିରିକ୍ତ ଜିଲ୍ଲାପାଳ (ପ୍ରୋଟକଲ),ପୁରୀ**

ଜ୍ଞାପକ ସଂଖ୍ୟା: ୮୪୮/ସଂସ୍କୃତି, ତାରିଖ. ୧୮.୦୮.୨୦୨୪

ଏହାର ବହୁଳ ପ୍ରସାର ନିମନ୍ତେ ଏକକିତା ନକଲ, ଶ୍ରୀ ଜଗନ୍ନାଥ ମନ୍ଦିର କାର୍ଯ୍ୟାଳୟ, ପୁରୀ / ଆରକ୍ଷୀ ଅଧୀକ୍ଷକ, ପୁରୀ/ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ, ପୁରୀ/ ଉପଜିଲ୍ଲାପାଳ, ପୁରୀ/ କାର୍ଯ୍ୟ ନିର୍ବାହୀ ଅଧିକାରୀ, ପୁରୀ ପୌରସଂସ୍ଥା, ପୁରୀ/ତହସିଲଦାର, ପୁରୀ/ ମଣ୍ଡଳ ଉନ୍ନୟନ ଅଧିକାରୀ, ପୁରୀ/ଜିଲ୍ଲା ସୂଚନା & ଲୋକ ସମ୍ପର୍କ ଅଧିକାରୀ, ପୁରୀଙ୍କ ନୋଟିସ ବୋର୍ଡରେ ପ୍ରଦର୍ଶିତ କରିବା ପାଇଁ ପ୍ରେରଣ କରାଗଲା ।

**ଅତିରିକ୍ତ ଜିଲ୍ଲାପାଳ (ପ୍ରୋଟକଲ),ପୁରୀ**

ଜ୍ଞାପକ ସଂଖ୍ୟା: ୮୪୯/ସଂସ୍କୃତି, ତାରିଖ. ୧୮.୦୮.୨୦୨୪

ଏହାର ଏକକିତା ନକଲ DeGM,ପୁରୀଙ୍କ ଅବଗତି ଓ ୱେବସାଇଟରେ ପରିବେଷଣ କରାଯିବ ପାଇଁ ପ୍ରେରଣ କରାଗଲା ।

**ଅତିରିକ୍ତ ଜିଲ୍ଲାପାଳ (ପ୍ରୋଟକଲ),ପୁରୀ**